## ରାସାୟନିକ ରଙ୍ଗ ମିଠା ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ନଷ୍ଟ କଲା ବିଭାଗ, ପରୀକ୍ଷଣ ପାଇଁ ଲ୍ୟାବକୁ ଗଲା ମିଠା

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ) ପାର୍ବଣକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ସୋମବାର ସହରର ବିଭିନ୍ନ ମିଠା ଦୋକାନ ଓ ହୋଟେଲରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ରାସାୟନିକ ରଙ୍ଗ ମିଶ୍ରିତ ମିଠା ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଗୁଡ଼ିକୁ ନଷ୍ଟ କରାଯାଇଥିଲା। ଖାଦ୍ୟ ନିରାପତ୍ତା ବିଭାଗ ଓ ବଡ ବଜାର ଥାନାର ମିଳିତ ଆନୁକୂଲ୍ୟରେ ହରପ୍ରିୟା ମିଷ୍ଟାନ ଭଣ୍ଡାର, ସାହୁ ମିଠା ଦୋକାନ, ବାଲାଜୀ ମିଷ୍ଟାନ ଭଣ୍ଡାର, ମୁକ୍ତା ମିଠା ଦୋକାନ, ପୁଷ୍ପା ହୋଟେଲ, ଶ୍ରୀ ରଞ୍ଜନ ଓ ଉଗ୍ରତାରା ମିଠା ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୧୫ କିଲୋଗ୍ରାମ ରଙ୍ଗ ମିଶ୍ରିତ ମିଠା ଓ ଅସ୍ୱାସ୍ଥ୍ୟକର ଖାଦ୍ୟକୁ ବିଭାଗ ପକ୍ଷରୁ ନଷ୍ଟ କରାଯାଇଥିଲା। ଏଥିସହ ମୁକ୍ତା ମିଠା ଦୋକାନ, ଶ୍ରୀକ୍ଷେତ୍ର ମିଠା ଦୋକାନ ଓ ଶିବରାମ ମିଠା ଦୋକାନର ମିଠାକୁ ପରୀକ୍ଷଣ ପାଇଁ ଲ୍ୟାବକୁ ପଠାଯାଇଥିବା ସୂଚନା ମିଳିଛି। ତତସହିତ ବିଭାଗ ପକ୍ଷରୁ ୬୮ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବିଭାଗୀୟ ଅଧିକାରୀ ସ୍ମିତା ଖାଡଙ୍ଗା ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ତାଗିଦ କରାଯିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପରଷିବା ପାଇଁ ନୋଟିସେ ଦିଆଯାଇଛି। ଆଗାମୀ ଦିନରେ ନିୟମ ଉଲଂଘନ କଲେ ଦୋକାନୀ ମାଲିକଙ୍କ ଲାଇସେନ୍ସ ବାତିଲ କରାଯିବ ବୋଲି ବିଭାଗ ପକ୍ଷରୁ ତାଗିଦ କରାଯାଇଛି।

# ସୁନାପୁରରେ ମିଳିବ ଗୋଆର ମଜା


ବେଳାଭୂମି ନିକଟରେ ହୋଇଥିବା ପ୍ରକଳ୍ପ।


ତମ୍ବୁ ଭିତରେ ବିଧାୟକଙ୍କ ସହ ଆଲୋଚନା କରୁଛନ୍ତି ବନଖଣ୍ଡ ଅଧିକାରୀ।

ବ୍ରହ୍ମପୁର,୮।୧୦(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ପଞ୍ଚାୟତ ସମୁଦ୍ର ବେଳାଭୂମିକୁ ପର୍ଯ୍ୟାବରଣ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ଏହି ଇକୋଟୁରିଜିମ ସାଇଟକୁ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସର୍କଲର ଆରସିସିଏଫ ଡ.ସଞ୍ଜୟ କୁମାର ସ୍ୱାଇଁ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖର, ବ୍ରହ୍ମପୁର ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ଏବଂ ବନ ସୁରକ୍ଷା ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ସାମନ୍ତରା କହିଲେ ଯେ, ବନ ବିଭାଗ ପକ୍ଷରୁ ଏଭଳି ବଡ ପ୍ରୟାସ କରାଯାଇଥିବା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। କିନ୍ତୁ ପର୍ଯ୍ୟଟନ ବିଭାଗର ଏଥିପ୍ରତି ଅଧିକ ଗୁରୁତ୍ୱ ରହିବା ଦରକାର। ଏଠାକାର ଅଞ୍ଚଳବାସୀଙ୍କ ପକ୍ଷରୁ ସମୁଦ୍ରରେ ବୋଟିଂ କରିବାର ବ୍ୟବସ୍ଥା କରିବାକୁ ଆଶା ରହିଥିବାବେଳେ ସରକାରଙ୍କ ସହାୟତା ମିଳୁ ନ ଥିବାରୁ ଏହା ହୋଇପାରୁନାହିଁ। ତେବେ ଏଠାରେ ବନ ବିଭାଗ ପକ୍ଷରୁ ଦୁଇଟି କାଠ କଟେଜ ନିର୍ମାଣ ହୋଇଛି। ଏଥି ସହିତ ଦୁଇଟି ତମ୍ବୁ ରହିଛି ଏବଂ ଗୋଟିଏ ରେଷ୍ଟୁରାଣ୍ଟ ନିର୍ମାଣ କରାଯାଇଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବହୁତ ସୁବିଧା ରହିଛି। ସେମାନେ ଏଠାରେ ରାତିରେ ରହିପାରିବା ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ ଓ ବନବିଭାଗ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଗଲେ ସୁନାପୁରରେ ଗୋଆର ମଜା ମିଳିବ ବୋଲି ସେ କହିଛନ୍ତି।

ଏ ସଂକ୍ରାନ୍ତରେ ସୁନାପୁର ସରପଞ୍ଚ ଲକ୍ଷ୍ମୀଧର ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଏଠାରେ ପ୍ରାକୃତିକ ପରିବେଶକୁ ଉପଭୋଗ କରିବାର ପର୍ଯ୍ୟାପ୍ତ ସୁବିଧା ରହିଛି। ବିସ୍ତୀର୍ଣ୍ଣ ବେଳାଭୂମିରେ ଲୋକେ ବୁଲିବାର ମଜା ନେଉଛନ୍ତି। ଏହା ଏକ ପିକନିକ ସ୍ପଟ ହୋଇଥିବାରୁ ଅଞ୍ଚଳର ବହୁ ଲୋକ ଏଠାକୁ ବଣଭୋଜି କରିବାକୁ ଆସୁଛନ୍ତି। ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଛନ୍ତି। ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ଜୈବବିବିଧତା କାର୍ଯ୍ୟକ୍ରମ କରାଯାଉଛି। ତେବେ ବନ ବିଭାଗ ପକ୍ଷରୁ ଏହାକୁ ହୃଦୟଙ୍ଗମ କରି ଏଭଳି ବ୍ୟବସ୍ଥା କରାଯାଇଛି। ଯଦି ସମସ୍ତଙ୍କ ମିଳିତ ଉଦ୍ୟମ ଜାରି ରହିବ ତେବେ ସୁନାପୁରରେ ପର୍ଯ୍ୟଟକମାନେ ଗୋଆର ମଜା ଉଠାଇପାରିବେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଖୋଖର କହିଛନ୍ତି ଯେ,ଇଣ୍ଟିଗ୍ରେଟେଡ କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ ଜରିଆରେ ଏହା ନିର୍ମାଣ କରାଯାଇଛି। ବନ ବିଭାଗର ପର୍ଯ୍ୟାପ୍ତ ସହାୟତା ରହିଛି। ଏହି ବ୍ୟବସ୍ଥାର ପରିଚାଳନା ଦାୟିତ୍ୱ ଅଞ୍ଚଳର ବନ ସୁରକ୍ଷା ସମିତି ହାତରେ ଦିଆଯାଇଛି। ଆସନ୍ତା ୧୦ ତାରିଖରୁ ଏଠାରେ ରହିବା ପାଇଁ ଅନଲାଇନ ବୁକିଂ ବ୍ୟବସ୍ଥା ଆରମ୍ଭ ହେବ। ଏହା ଦ୍ୱାରା ସୁନାପୁର ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ଖୋଖର କହିଛନ୍ତି।

### ଆସନ୍ତା ୧୦ରୁ ଆରମ୍ଭ ହେବ ଅନଲାଇନ ବୁକିଂ

# ୨ ଅଭିଯୁକ୍ତଙ୍କ ଜାମିନ ଖାରଜ

### ଅଳଙ୍କାର ଚୋରି ଘଟଣା

ବ୍ରହ୍ମପୁର, ୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଟାଟାବେଞ୍ଜ ଛକରେ ଥିବା ଏକ ଗହଣା ଦୋକାନରେ ଗତ ସେପ୍ଟେମ୍ବର ୩ତାରିଖ ବିଳମ୍ବିତ ରାତ୍ରରେ ୫୦କେଜି ରୁପା, ସୁନାଗହଣା ଓ ଟଙ୍କା ଚୋରି ହୋଇଥିଲା। ପୋଲିସ ଏହି ଘଟଣାରେ ଦୁଇଟି ପର୍ଯ୍ୟାୟରେ ୯ଜଣ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରଥମ ପର୍ଯ୍ୟାୟରେ ଗତ ସେପ୍ଟେମ୍ବର ୨୨ ତାରିଖରେ ପୋଲିସ ଘଟଣାର ମାଷ୍ଟରମାଇଣ୍ଡ ଥିବା ଗଞ୍ଜାମ ଜିଲା ହିଂଜିଳିକାଟୁ ଥାନା ଅନ୍ତର୍ଗତ ଶିକିରି ଗ୍ରାମର ମାୟାଧର ବେହେରା(୪୨) ସମେତ ହରିଆଣାର ମନଜିତ(୪୨), ଉତ୍ତରପ୍ରଦେଶର ସୁରଜ(୪୧), ପଞ୍ଜାବର ଗୁରୁପ୍ରୀତ ସିଂ(୨୭), ଉତ୍ତରାଖଣ୍ଡ ଡେରାଡୁନର ଭିକାଶ କୁମାର(୩୮) ଓ ଉତ୍ତରପ୍ରଦେଶର ଭିପେନ କୁମାର(୩୭)ଙ୍କୁ ଗିରଫ କରି ଜେଲ ପଠାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗତ ୪ ତାରିଖରେ ଉତ୍ତରପ୍ରଦେଶ ସୋହେରା ଥାନା ଅନ୍ତର୍ଗତ ମେବନୱାଡାର ୱାହାଜୁଦ୍ଦିନ (୪୧), ଉତ୍ତରାଖଣ୍ଡର ସଞ୍ଜୟ ଘିଲଦୟାଲ(୩୮) ଓ ଉତ୍ତରପ୍ରଦେଶର ହିମାଂଶୁ ବର୍ମା(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରୁ ଭିକାଶ କୁମାର ଓ ଭିପେନ କୁମାରଙ୍କ ଜାମିନ ପାଇଁ ତାଙ୍କ ଓକିଲ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆବେଦନ କରିଥିଲେ। ମଙ୍ଗଳବାର ଏହାର ଶୁଣାଣି ହୋଇଥିଲା। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ରଜତ କୁମାର ଦାଶ ଉକ୍ତ ଜମିନର ଦୃଢ ବିରୋଧ କରିଥିଲେ। ସେହିପରି ସେ କୋର୍ଟରେ ନିଜ ବୟାନରେ କହିଥିଲେ ଯେ, ଅଭିଯୁକ୍ତମାନେ ବାହାର ରାଜ୍ୟର ହୋଇଥିବା ବେଳେ ସେମାନେ ଜାମିନ ପାଇବା ପରେ ମାମଲାର ବିଚାରଣା ବେଳେ ସହଯୋଗ କରିବେ ନାହିଁ । ଅନ୍ୟପଟେ ପୋଲିସର ତଦନ୍ତ ଜାରି ରହିଛି ଓ ଘଟଣାର ମୁଖ୍ୟ ଅଭିଯୁକ୍ତ ସମେତ ତାଙ୍କର ଅନ୍ୟ କେତେକ ଏବେବି ସହଯୋଗୀ ଫେରାର ରହିଛନ୍ତି। ଯାହାକୁ ଆଧାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଉକ୍ତ ଜାମିନକୁ ମଙ୍ଗଳବାର ଖାରଜ କରିଦେଇଛନ୍ତି। ସେହିପରି ପୂର୍ବରୁ ଉକ୍ତ ଅଭିଯୁକ୍ତଙ୍କ ଜାମିନ ଏସଡ଼ିଜେଏମ ଖାରଜ କରିଦେଇଥିଲେ।ଏନେଇ ରଜତ ଦାଶ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ସୁନା ଦୋକାନ ମାଲିକ ଜାମୁଲା ଶ୍ରୀଧର ପ୍ରତିଦିନ ଭଳି ସେପ୍ଟେମ୍ବର ୪ ତାରିଖ ପୂର୍ବାହ୍ନ ସାଢ଼େ ୧୦ ଟା'ରେ ଦୋକାନ ସଟର ଖୋଲି ଭିତରକୁ ଯାଇଥିଲେ। ହେଲେ ସେଠାରେ ଗ୍ରାହକଙ୍କୁ ଦେଖାଇବା ପାଇଁ ରହିଥିବା ସୁନା ଗହଣା ଓ ୫୦ କେଜି ରୁପା ଓ କ୍ୟାସ କାଉଣ୍ଟରରୁ ଟଙ୍କା ଗାୟବ ଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୦୩/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଗତ ସେପ୍ଟେମ୍ବର ୩ ତାରିଖ ରାତିରେ ଉକ୍ତ ଦୋକାନ ପଛପଟ ରାସ୍ତା ଦେଇ ଚୋର ଗ୍ୟାଙ୍ଗ ଚାଲି ଯାଉଥିବା ପୋଲିସ ସିସିଟିଭି ଫୁଟେଜରୁ ଦେଖିବାକୁ ପାଇଥିଲା। ଯାହାକୁ ଆଧାର କରି ସେମାନଙ୍କୁ ଟ୍ରାକିଂ କରି ଉପରୋକ୍ତ ଅଭିଯୁକ୍ତ ମାନଙ୍କୁ ପୋଲିସ ଧରିବା ସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା, ରୁପା ଅଳଙ୍କାର ଜବତ କରିଥିଲା।

# ନିଖୋଜ ଶିକ୍ଷକଙ୍କ ମୃତଦେହ କୂଅରୁ ଜବତ

ବ୍ରହ୍ମପୁର, ୮।୧୦(ସୁବାସ ଚନ୍ଦ୍ର ପାଢ଼ୀ) : ସଦର ଥାନା ଅନ୍ତର୍ଗତ ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣଙ୍କ ଅବସରପ୍ରାପ୍ତ ଶିକ୍ଷକ ଡି. ବନବିହାରୀ। ପୋଲିସ ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ସନ୍ଧ୍ୟାରୁ ଉକ୍ତ ଶିକ୍ଷକ ଜଣଙ୍କ ଘରୁ କାହାକୁ କିଛି ନକହି ଚାଲି ଯାଇଥିଲେ। ରାତ୍ର ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗାଁ ମୁଣ୍ଡରେ ଥିବା ସୁନାରୀମଠ କୂଅ ନିକଟରେ ଟର୍ଚ୍ଚ ଓ କିଛି ସାମଗ୍ରୀ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଜଣେ ବ୍ୟକ୍ତି କୂଅରେ ଭାସୁଥିବା ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ ଓ ଆଙ୍କୁଶପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର ପରେ ଜବତ କରାଯାଇଛି।

# ଆରମ୍ଭ ହେଲା ମଦ୍ୟପ ଧରପଗଡ଼ ଅଭିଯାନ

ବ୍ରହ୍ମପୁର ,୮।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ଦଶହରା ପର୍ବ ସୁରୁଖୁରୁରେ ପାଳନ କରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ.ଙ୍କ ନିର୍ଦ୍ଦେଶରେ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ମଦ୍ୟପଙ୍କୁ ଧରପଗଡ଼ ଅଭିଯାନ ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ପାର୍ବଣ ଋତୁରେ ସହର ଚାରିପଟ ଉତ୍ସବ ମୁଖର ହୋଇପଡିଛି। ଦୁର୍ଘଟଣା ରୋକିବା ପାଇଁ ପୋଲିସ ପ୍ରୟାସ ଆରମ୍ଭ କରିଛି। ବ୍ରହ୍ମପୁର ପୋଲିସ ପକ୍ଷରୁ ସହର ସାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଦ୍ୟପାନ କରି ଗାଡି ଚଳାଉଥିବା ଲୋକଙ୍କୁ ପୋଲିସ ଧରି ତାଙ୍କ ଠାରୁ ଜରିମାନା ଆଦାୟ କରିଛି। ବଡବଜାର ଥାନାଧିକାରୀ ବାବା ଶଙ୍କର ସରାଫଙ୍କ ନେତୃତ୍ୱରେ ପୋଲିସ ଟିମ ସନ୍ଧ୍ୟାରେ ଫାଷ୍ଟଗେଟ ଛକରେ ଯାନବାହନ ଯାଞ୍ଚ ବ୍ୟବସ୍ଥାକୁ କଡା କଡ଼ି କରିଛି। ୨ଜଣ ମଦ୍ୟପଙ୍କୁ କାବୁ କରି ସେମାନଙ୍କୁ ଥାନାକୁ ଆଣିଛି। ଜରିମାନା ବାବଦକୁ ସେମାନଙ୍କ ଠାରୁ ୨୦ହଜାର ଟଙ୍କା ଆଦାୟ କରାଯାଇଛି। ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ସହରରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି। ଯେଉଁମାନେ ମଦ ପିଇ ରାସ୍ତାରେ ଗାଡି ଚଳାଇବେ ସେମାନଙ୍କୁ ଧରି ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

# ଆଜି ଗଞ୍ଜାମ ଜିଲା ପରିଷଦ ବୈଠକ

ଛତ୍ରପୁର,୮।୧୦
(ଦିଲୀପ ସାମଲ)

ଗଞ୍ଜାମ ଜିଲା ପରିଷଦ ବୈଠକ ବୁଧବାର ଛତ୍ରପୁରସ୍ଥିତ ଡ଼ିଆରଡ଼ିଏ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ କୃଷି, ସମବାୟ, ଶିକ୍ଷା,ସ୍ୱାସ୍ଥ୍ୟ, ରାସ୍ତା ଓ କୋଠାବାଡ଼ି, ଗ୍ରାମାଞ୍ଚଳ ଗୃହ ଯୋଗାଣ, ସାଧାରଣ ବଣ୍ଟନ ବ୍ୟବସ୍ଥା, ସାମାଜିକ ସୁରକ୍ଷା,ଏମଜିଏନ୍‌ଆର୍‌ଇଜିଏସ୍‌, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ, ଜିଲା ଜଳ ଓ ପରିମଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜଙ୍ଗଲ, ଆଦି ସମ୍ପର୍କରେ ଆଲୋଚନା ହେବ। ବୈଠକରେ ଜିଲାର ସମସ୍ତ ବିଧାୟିକା,ବିଧାୟକ, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ସମସ୍ତ ବ୍ଲକର ଅଧ୍ୟକ୍ଷ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବେ। ଅନ୍ୟପକ୍ଷରେ ନୂଆ ସରକାର ଆସିବା ପରେ ଏହା ପ୍ରଥମ ବୈଠକ ହୋଇଥିବାରୁ ରୋଚକ ହେବ ବୋଲି ଆଲୋଚନା ଜୋର ଧରିଛି। ସୂଚନାଯୋଗ୍ୟ, ଜିଲାର ୬୯ ଟି ଜିଲା ପରିଷଦରୁ ୬୭ ଟି ବିଜେଡିର ରହିଛନ୍ତି। ସେହିପରି ୧୩ ବିଧାୟକଙ୍କ ମଧ୍ୟରୁ ହିଞ୍ଜିଳିରେ ବିଜେଡି ଓ ସାନଖେମୁଣ୍ଡିରେ କଂଗ୍ରେସକୁ ଛାଡିଦେଲେ ବାକି ୧୧ ଜଣ ହେଉଛନ୍ତି ଭାଜପା। ସେହିପରି ୨ ଏମ୍‌ପି ମଧ୍ୟ ଭାଜପା। ପୂର୍ବରୁ ଜିଲା ପରିଷଦ ବୈଠକ ଭିସି ମାଧ୍ୟମରେ ହେଉଥିଲା।

# ବିଜୟ ଉତ୍ସବ ପାଳିଲା ଭାଜପା

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ)

ହରିୟାଣାରେ ଭାଜପା ବିପୁଳ ସଂଖ୍ୟାରେ ବିଜୟ ହାସଲ କରିବା ଓ ଜାମୁ କାଶ୍ମୀରରେ ଦଳ ଭଲ ପ୍ରଦର୍ଶନ କରିଥିବା ନେଇ ମଙ୍ଗଳବାର ଗଞ୍ଜାମ ଜିଲା ଭାଜପା ପକ୍ଷରୁ କୋର୍ଟପେଟା ଛକଠାରେ ବିଜୟ ଉତ୍ସବ ପାଳନ କରାଯାଇଛି। ଦଳ ପକ୍ଷରୁ ଜନ ସାଧାରଣଙ୍କୁ ମିଠା ବଣ୍ଟନ କରାଯାଇଥିଲା। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲା ଉପସଭାପତି ରାମ କୁମାର ପାତ୍ରଙ୍କ ସମେତ ପ୍ରଭାତ ଷଡଙ୍ଗୀ, ସୀମାଚଂଳ ପଣ୍ଡା, ସୁରଜ ପାତ୍ର, ଦୀନେଶ ଦୋରା, ପ୍ରଶାନ୍ତ ପାତ୍ର, ଅଖିଳ ସାହୁ, ମନୋଜ ମହାରଣା, ସାଗର ମୁଖୀ ଓ ନାରାୟଣ ପାଢିଙ୍କ ସମେତ ଭାଜପାର ବହୁ କର୍ମୀ ଉପସ୍ଥିତ ଥିଲେ।

# ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀଙ୍କ ମୃତ୍ୟୁ: ବାପା, ସାବତ'ମା ଙ୍କୁ ଥାନାରେ ଜେରା

ବ୍ରହ୍ମପୁର, ୮।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡିରେ ସୋମବାର ସନ୍ଧ୍ୟାରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା କଲେଜ ଛାତ୍ରୀ ରାଣୀ ପ୍ରଧାନଙ୍କ ମଙ୍ଗଳବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ଡାକ୍ତରଙ୍କ ରିପୋର୍ଟ ଆଧାରରେ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ରାଣୀଙ୍କ ବାପା ଅଶୋକ ପ୍ରଧାନ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ଥାନାରେ ରଖି ମାରାଥନ ଜେରା ଚଳାଇଛି। ଛାତ୍ରୀଙ୍କ ମୃତଦେହ ତାଙ୍କର କେତେକ ଦୂର ସମ୍ପର୍କୀୟ ଲୋକ ଓ ପୋଲିସ ଉପସ୍ଥିତିରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ଦାହ କରାଯାଇଛି। ଘଟଣାର ପାରିପାର୍ଶିକ ସ୍ଥିତି ଓ ରାଣୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଆଧାର କରି ପୋଲିସ ଘଟଣାର ଛାନଭିନ କରୁଥିବା ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ରାଣୀ ଅଧିକାଂଶ ସମୟରେ ମାନସିକ ଚାପରେ ରହୁଥିଲେ। ତାଙ୍କ ଉପରେ ଦିନକୁ ଦିନ ଚାପ ବଢିବାରୁ ସେ ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେଣୁ ରାଣୀଙ୍କ ମୃତ୍ୟୁ ପାଇଁ ତାଙ୍କ ବାପା ଓ ସାବତ ମାଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।


ରାଣୀ ପ୍ରଧାନଙ୍କ ଫାଇଲ ଫଟୋ।

ଗୋପାଳପୁର ଥାନା ଆମ୍ବପୁଆର ମୂଳ ନିବାସୀ ଅଶୋକ ପ୍ରଧାନ କୁକୁଡାଖଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଘରଭଡା ନେଇ ରହୁଛନ୍ତି। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଝିଅ ରାଣୀ । ରାଣୀଙ୍କ ମା'ଙ୍କ ମୃତ୍ୟୁ ପରେ ବାପା ଦ୍ୱିତୀୟ ବିବାହ କରିଥିଲେ। ଅଶୋକଙ୍କ ଦ୍ୱିତୀୟ ସ୍ତ୍ରୀଙ୍କର ଏକ ପୁଅ ଅଛି। ତେବେ ବିଭିନ୍ନ କାରଣକୁ ନେଇ ବାପା–ମା' ରାଣୀଙ୍କୁ ନିର୍ଯାତନା ଦେଉଥିଲେ। ଯାହାକୁ ନେଇ ସେ ମାନସିକ ଚାପରେ ରହୁଥିଲେ। ସେ ଜଣେ ଭଲ ପଢୁଆ ଛାତ୍ରୀ ଥିଲେ। ପାଠ ପଢ଼ି ଚାକିରି କରିବା ପାଇଁ ସେ ସ୍ୱପ୍ନ ଦେଖୁଥିବା ବେଳେ ପାରିବାରିକ ସମସ୍ୟା ଯୋଗୁଁ ସେ ପାଠ ପଢ଼ି ପାରୁ ନଥିଲେ ବୋଲି ଜଣାପଡ଼ି ସୋମବାର ସନ୍ଧ୍ୟାରେ କୌଣସି ଏକ ଘଟଣାକୁ କେନ୍ଦ୍ର କରି ଘରେ ଝଗଡା ହେବା ପରେ ରାଣୀ ଆତ୍ମାହୁତି ଉଦ୍ୟମ କରିଥିବା ପୋଲିସ ଅନୁମାନ କରୁଛି। ସଦର ଥାନା ପୋଲିସ କୁକୁଡାଖଣ୍ଡି ଭଡାଘରେ ପହଞ୍ଚି ପେଟ୍ରୋଲ ଡବା ଜବତ କରିବା ସହିତ ଛାତ୍ରୀଙ୍କ ଦରପୋଡ଼ା ଡ୍ରେସ , ଚୁଟି ପ୍ରଭୃତି ନମୁନା ସଂଗ୍ରହ କରିଛି। ଉଭୟ ବାପା–ମା'ଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କ ବୟାନ ନେଇଛି।

# ଆନ୍ତଃ ମହାବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

ବ୍ରହ୍ମପୁର,୮।୧୦
(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଅଧୀନରେ ଥିବା ସାମନ୍ତିଆପଲ୍ଲୀସ୍ଥିତ ଏସ୍‌ବିପି ମହାବିଦ୍ୟାଳୟରେ ମଙ୍ଗଳବାର ୪୫ତମ ଆନ୍ତଃ ମହାବିଦ୍ୟାଳୟ ଚେସ ପୁରୁଷ ଓ ମହିଳା ପ୍ରତିଯୋଗିତା ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଏହାକୁ ଉଦଘାଟନ କର ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ରାଜେଶ ମହାନ୍ତି ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପିଇଟି ତଥା ସାଙ୍ଗଠନିକ ସମ୍ପାଦକ ସୁଧାକର ବିଷୋୟୀ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ଼. ଜୟ ପ୍ରକାଶ ପାଢ଼ୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଦୁଇ ଦିନିଆ ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୧୫ଟି କଲେଜ ଭାଗ ନେଇଥିବା ବେଳେ ମହିଳା ବର୍ଗରେ ୬ ଟି କଲେଜ ଭାଗ ନେଇଛନ୍ତି। ଅଫିସିଆଲ ଭାବେ ଜି. ସତ୍ୟ ନାରାୟଣ, ବିନାୟକ ରଥ, ବିଷ୍ଣୁ ପ୍ରସାଦ ପୁରୋହିତ,ଜେ. ଜଗନ୍ନାଥ ରାଓ ରହିଥିବା ବେଳେ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରୁଛନ୍ତି।

# ୱାରେଣ୍ଟ ବଳରେ ଜଣେ ଗିରଫ

ଗୋପାଳପୁର,୮।୧୦
(ନବୀନ ରାଜ ଆଚାରୀ)

ଗୋପାଳପୁର ପୋଲିସ ଜାମିନ ବିହୀନ ଗିରଫ ପରୱାନା ବଳରେ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଟାଟା କଲୋନୀ ସିଦ୍ଧିଗାଁର ଜି. ଜଗନ୍ନାଥ ରେଡ୍ଡି। ୨୦୧୧ରେ ଏକ ଦୁର୍ଘଟଣା ଘଟାଇ ଜଗନ୍ନାଥ ଗିରଫ ହୋଇଥିଲେ। ମାମଲାର ବିଚାର ସମୟରେ ସେ କୋର୍ଟରେ ଉପସ୍ଥିତ ରହୁ ନ ଥିଲେ। ଏ ନେଇ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ମଙ୍ଗଳବାର ଗ୍ରାମରେ ଥିବା ବେଳେ ଗୋପାଳପୁର ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏହାର ଜିଆର କେସ୍ ନଂ. ୨୭୪/୨୦୧୧ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ କହିଛନ୍ତି।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ବାଚସ୍ପତିଙ୍କ ସହ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମପୁର, ୮।୧୦(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ଶିହଳା ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ପରିବହନମନ୍ତ୍ରୀ ବିଭୁତି ଜେନା, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଇଓ ସନ୍ତୋଷ ମହାପାତ୍ର,ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିଡ଼ିଓ ପଲ୍ଲବୀ ସ୍ୱାଇଁ, ତହସିଲଦାର ସପନ କୁମାର ସାହୁ, ସରପଞ୍ଚ ଗୌରି ଗୌଡ଼, ଏସଏମସି ଚେୟାରମେନ ସୁନିତା ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ହେମନ୍ତ ସେଠି ଅତିଥି ପରିଚୟ ଦେଇଥିଲେ। ୨୪ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଛାତ୍ରଛାତ୍ରମାନେ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ମୁଗ୍ଧ କରିଥିଲେ। ବାଚସ୍ପତି, ମନ୍ତ୍ରୀ ଓ ବିଧାୟକ ନୃତ୍ୟ କରୁଥିବା ଛାତ୍ରୀମାନଙ୍କୁ ୩ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ତିନି ଜଣ ଏବିଇଓ, ୧୩ଜଣ ସିଆରସିସି, ଶିକ୍ଷକ ଭବାନୀ ପଟନାୟକଙ୍କ ସହ ବହୁ ଶିକ୍ଷୟତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାଚସ୍ପତିଙ୍କ ପୈତୃକ ଗ୍ରାମ ଶିହଳା ହୋଇଥିବାରୁ ସେ ନିଜର ପୁରୁଣା ସ୍ମୃତିକୁ ସାଉଁଟିଥିଲେ। ଦିଗପହଣ୍ଡି ବିଧାୟକ ଗୀତଗାଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ପୋଖରୀରୁ ମୃତଦେହ ଜବତ

ବ୍ରହ୍ମପୁର,୮।୧୦(ସୁବାସ ଚନ୍ଦ୍ର ପାଢ଼ୀ): ବଡବଜାର ଥାନା ଅନ୍ତର୍ଗତ ଉତ୍କଳ ସିନେମା ହଲ ନିକଟ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ସନିଆ ସାହୁ(୫୦) । ପୋଲିସ ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉକ୍ତ ପୋଖରୀରେ ମଙ୍ଗଳବାର ସକାଳୁ ଜଣେ ବ୍ୟକ୍ତି ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ପୋଖରୀ ଭିତରୁ ଉଦ୍ଧାର କରିଥିଲା। ସୋମବାର ରାତିରେ ସନିଆ ଘରେ ଖାଇସାରିବା ପରେ ବାହାରକୁ ଚାଲି ଯାଇଥିଲେ । ହେଲେ ସେ ରାତିରେ ଆଉ ଘରକୁ ଫେରିନଥିଲେ । ସକାଳୁ ତାଙ୍କ ମୃତଦେହ ପୋଖରୀରୁ ମିଳିଥିଲା । ତେବେ ସେ କିଭଳି ପାଣିରେ ବୁଡ଼ିଗଲେ ତାହା ଜଣାପଡିନାହିଁ ।

# ଗେଟ୍ ବଜାର ଫ୍ଲାଏଓଭର ପାଇଁ ୧୧୬ କୋଟି ମଞ୍ଜୁର

ବ୍ରହ୍ମପୁର,୮।୧୦(ଅଶୋକ କୁମାର ସାହୁ)

ବ୍ରହ୍ମପୁର ସହରର ଜଗହଳିପୂର୍ଣ୍ଣ ଅଞ୍ଚଳ ଗେଟ ବଜାରରେ ଏକ ଫ୍ଲାଏ ଓଭର ପାଇଁ ଦାବି ହେଉଥିବାବେଳେ ତାହାକୁ ପ୍ରଶାସନିକ ଅନୁମୋଦନ ମିଳିଛି। ଏଥିପାଇଁ ସରକାର ୧୧୫.୯୭ କୋଟି ୪୯ ହଜାର ଟଙ୍କା ପ୍ରାୟ ୧୧୬ କୋଟି ମଂଜୁର କରିଛନ୍ତି। ଫଳରେ ଉକ୍ତ ପ୍ରକଳ୍ପ ପାଇଁ ବ୍ରହ୍ମପୁରବାସୀଙ୍କ ରହିଥିବା ଆଶା ଉଜ୍ଜୀବିତ ହୋଇଛି।

ଗେଟବଜାରଛକରୁ ୫ ପଟକୁ ରାସ୍ତା ରହିଛି। ଗୋଟିଏ ପଟେ ଦିଗପହଣ୍ଡି ଆଡକୁ ରାସ୍ତା ଥିବାବେଳେ ଆଉ ଗୋଟିଏ ପଟକୁ ଲୋଚାପଡା, ଆଉ ଗୋଟିଏ ପଟକୁ ନୂଆ ବସଷ୍ଟାଣ୍ଡ ଏବଂ ଆଉ ଗୋଟିଏ ପଟକୁ ମିଲିଟାରୀ ଲାଇନକୁ ରାସ୍ତା ରହିଛି। ତେଣୁ ସକାଳ ୬ରୁ ରାତି ୧୧ଟା ପର୍ଯ୍ୟନ୍ତ ଏହି ଛକ ଜନଗହଳି ରହୁଛି। ଅନ୍ୟପଟେ ଉକ୍ତ ଛକରେ ବିଭିନ୍ନ ଗ୍ରାମରୁ ମଜୁରିଆମାନେ କାମ ପାଇଁ ଅପେକ୍ଷା କରୁଥିବାବେଳେ ନିକଟରେ ସିଟି ହସପିଟାଲ ବି ରହିଛି। ତେଣୁ ଟ୍ରାଫିକ ସମସ୍ୟା ଲାଗି ରହୁଛି। ଅନେକ ସମୟରେ ଦୁର୍ଘଟଣାବି ଘଟୁଥିବା ନଜୀର ରହିଛି। ଏହାକୁ ହୃଦୟଙ୍ଗମ କରି ବ୍ରହ୍ମପୁରବାସୀ ଏଠାରେ ଏକ ଫ୍ଲାଏ ଓଭର ବ୍ରିଜ କରିବାକୁ ଦାବି କରି ଆସୁଥିଲେ। ଏଥିପାଇଁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ଓ ବ୍ରହ୍ମପୁର ଏମପି ପ୍ରଦୀପ କୁମାର ପାଣିଗ୍ରାହୀ ଉଦ୍ୟମ କରି ଆସୁଥିଲେ। ବିଳମ୍ବରେ ହେଲେ ମଧ୍ୟ ସରକାରୀସ୍ତରରେ ଏହି ସେତୁକୁ ସ୍ୱୀକୃତି ମିଳିଛି। ସେତୁ ନିର୍ମାଣର ଦାୟିତ୍ୱ ଓଡ଼ିଶା ସେତୁ ନିର୍ମାଣ ନିଗମ ହାତରେ ରହିଛି। ତେବେ ଏହି ପ୍ରକଳ୍ପ ପାଇଁ ଆସିଥିବା ଅନୁଦାନରେ ଜମି ଅଧିଗ୍ରହଣ ପାଇଁ ୧୭ କୋଟି ଥିବାବେଳେ ବିସ୍ଥାପନ ଓ ଥଇଥାନ ପାଇଁ ୭ କୋଟି ଟଙ୍କା ରହିଛି। ଫ୍ଲାଏ ଓଭର ଅନୁଦାନରେ ଆନୁସଙ୍ଗିକ ଖର୍ଚ୍ଚ ପ୍ରାୟ ୭୪.୬୮ କୋଟି ହେବ ବୋଲି ଜଣାପଡିଛି। ତେବେ ନିଗମର ଅଧିକ୍ଷଣ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ କହିଛନ୍ତି ଯେ, ସେତୁର ଲମ୍ବ ୧୧୩୫ ମିଟର ଥିବାବେଳେ ଓସାର ୨୨ ମିଟର ରହିଛି। ଏହି ସେତୁ ୨ ଲାଇନ ବିଶିଷ୍ଟ ହେବ। ସେତୁର ଦୁଇ ପାର୍ଶ୍ୱରେ ସର୍ଭିସ ରୋଡ ସହ ସେତୁ ଉପରେ ଚଲାପଥ ଏବଂ ବର୍ଷା ପାଣି ନିଷ୍କାସନ ପାଇଁ ଡ୍ରେନେଜ ସୁବିଧା କରାଯିବ। ଲୋକେ ଯେଭଳି ସୁରକ୍ଷିତ ଭାବେ ସେତୁ ଉପରେ ଯାଇପାରିବେ ସମସ୍ତ ବ୍ୟବସ୍ଥା କରାଯିବ। ଏହି ସେତୁ ଆସିକା ରୋଡର ନୀଳାଦ୍ରି ବିହାରରୁ ଆରମ୍ଭ ହୋଇ ସିଟି ହସ୍ପିଟାଲ ନିକଟରେ ସରିବ। ବର୍ତ୍ତମାନ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ତେବେ କେତେ ସରକାରୀ ଓ ବେସରକାରୀ ଜମି ଦରକାର ତାହାର ଆକଳନ ଚାଲିଛି। ବିଧାୟକ ଏବଂ ସାଂସଦ ସେତୁ ନିର୍ମାଣ ଉଦ୍ୟମ କରିଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି। ଉଭୟେ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେମାନେ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଏହି ସେତୁ ନିର୍ମାଣ ହେଲେ ଏନଏଚ–୫୯କୁ ବିନା ବାଧାରେ ଯାନବାହନ ଯିବା ଆସିବା କରିବା ସହ ଲୋକେ ବି ଦୁର୍ଘଟଣାରୁ ବର୍ତ୍ତିପାରିବେ ବୋଲି ସେମାନେ କହିଛନ୍ତି।

## ରକ୍ତହୀନତା ରୋଗରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,(ବାବୁଲା ପ୍ରଧାନ) ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡିର ଯୁବ କ୍ୟାମେରା ମ୍ୟାନ ଶ୍ରୀକାନ୍ତ ପ୍ରଧାନ (୨୭)ଙ୍କ ସୋମବାର ରକ୍ତହୀନତା ରୋଗରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ କ୍ୟାମେରା ମ୍ୟାନ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ଶ୍ରୀକାନ୍ତଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ହେବାରୁ ଚିକିତ୍ସା ପାଇଁ ଶନିବାର ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



**ସଂକ୍ଷେପରେ**

### ବିଜେଡିର ନୂଆ ସାଙ୍ଗଠନିକ ଟିମ୍ ଗଠିତ

ହିଞ୍ଜିଳିକାଟୁ, ୮।୧୦( ଦ୍ୱିତୀକୃଷ୍ଣ ପଣ୍ଡା)

ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ ମଙ୍ଗଳବାର ଦଳର ନୂତନ ସାଙ୍ଗଠନିକ ଟିମ୍ ଗଠନ କରିଛନ୍ତି। ହିଞ୍ଜିଳିକାଟୁ ପୌରାଞ୍ଚଳର ବିଜେଡି ସଭାପତି ଭାବେ ପୂର୍ବତନ ନଗରପାଳ ହୃଦୟାନନ୍ଦ ମହାପାତ୍ର ମନୋନୀତ ହୋଇଥିବା ବେଳେ ହିଞ୍ଜିଳିକାଟୁ ବ୍ଲକ ସଭାପତି ଭାବେ ଦୁର୍ଗା ମାଧବ ମହାନ୍ତି ମନୋନୀତ ହୋଇଛନ୍ତି। ପୂର୍ବପରି ଶେରଗଡ଼ ବ୍ଲକ ସଭାପତି ଭାବେ ଶରତ ଚନ୍ଦ୍ର ପାତ୍ରଙ୍କୁ ପୁଣି ଥରେ ମନୋନୀତ କରାଯାଇଛି। ଅନ୍ୟ ପକ୍ଷରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ଏକ ଉପଦେଷ୍ଟା କମିଟି ଗଠିତ ହୋଇଛି। ଏଥିରେ ପୂର୍ବରୁ ହିଞ୍ଜିଳି ବ୍ଲକ ବିଜେଡି ସଭାପତି ଥିବା ତଥା ବରିଷ୍ଠ ନେତା ସୁରେନ୍ଦ୍ର ପ୍ରଧାନଙ୍କୁ ଅଧ୍ୟକ୍ଷ ରଖାଯାଇଛି। କମିଟି ସଦସ୍ୟ ଭାବେ ଡି. ବିଶ୍ୱନାଥ, ପବିତ୍ର ମୋହନ ପାଣିଗ୍ରାହୀ, ସନ୍ତୋଷ ପଟ୍ଟନାୟକ, ଅଜୟ ମହାରଣା ଓ ଏନ. ରଘୁନାଥଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏ ସମ୍ପର୍କିତ ଏକ ଚିଠି ପ୍ରକାଶ କରିଛନ୍ତି।

### ସମବାୟବିତ୍‌ଙ୍କ ବିୟୋଗ

ଧରାକୋଟ,୮।୧୦
(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ମୁଣ୍ଡମରାଇ ବୁଣାକାର ସମବାୟ ସମିତିର ପୂର୍ବତନ ସଭାପତି ମୁଣ୍ଡମରାଇ ଗ୍ରାମର ବାୟା ସାହୁ(୯୦)ଙ୍କର ପରଲୋକ ହୋଇଯାଇଛି । ସ ରଙ୍ଗଣି ସମାଜର ବରିଷ୍ଠ ଏବଂ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ। ବୁଣାକାର ସମବାୟ ସମିତ ପାଇଁ ସ୍ଥାୟୀ ସମିତି ଘର ତିଆରି କରାଇଥିଲେ। ରଙ୍ଗଣି ସମାଜ ପାଇଁ ସେ ଅନେକ ଜନହିତ କାମ କରିଛନ୍ତି।

### ଜି.ଉଦୟଗିରି ନଗର ବିଜେଡିର ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୮।୧୦
(ଚିନ୍ମୟ କୁମାର ସେଠୀ)

ଫୁଲବାଣୀରେ ବୁଧବାର ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିରେ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିବେ। ଏହି ଅବସରରେ ୱାର୍ଡ ନମ୍ବର-୨ସ୍ଥିତ ପରିଚୟ ଗୃହଠାରେ ନଗର ବିଜୁ ଜନତା ଦଳର ନଗର ସଭାପତି ପି.ସଞ୍ଜୀବ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉକ୍ତ କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଯୋଗଦେବାକୁ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକାରୀ ସଭାପତି ଅନିଲ ଦଳବେହେରା, ମହମ୍ମଦ ହୁସେନ, ମହମ୍ମଦ ଆଲମାସ, ସଭାନେତ୍ରୀ କୃତାଞ୍ଜଳି ନାୟକ, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଦୀପକ ନାୟକ, ଲକ୍ଷ୍ମୀପ୍ରିୟା ପରିଛା, ଜାକେସ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସରକାରୀ ଜମି ଜବରଦଖଲ କରିଥିଲେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୮।୧୦(ଦିଲୀପ ସାମଲ)



**■ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ**

**■ଭୂମିହୀନଙ୍କୁ ଯୋଗାଇ ଦିଆଯିବ ଜମି**

ଗଞ୍ଜାମ ଜିଲାରୀ ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ଯେଉଁଠି ବି ଯଦି କେହି ସରକାରୀ ଜମି ଜବଲଦଖଲ କରି ରଖିଛନ୍ତି ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ମଙ୍ଗଳବାର ଜିଲା ରାଜସ୍ୱ ସମୀକ୍ଷା ବୈଠକରେ ଅଧକ୍ଷତା କରି ଜିଲାପାଳ ଆହୁରି କହିଛନ୍ତି ଯେ, ଭୂମିହୀନ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ଜମି ଯୋଗାଇ ଦିଆଯିବ। ଜିଲାରେ କେତେ ସଂଖ୍ୟକ ଭୂମିହୀନ ପରିବାର ରହିଛନ୍ତି ତାହା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସିକିମ ସତ୍ତ୍ୱଧାରୀ ଚାଷୀମାନଙ୍କ ସ୍ଥିତିବାନ ପଟ୍ଟା ତୁରନ୍ତ ସେଟେଲମେଣ୍ଟ କରିବା, ୨୭ ହଜାର ୫୧୪ ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୧୪୩୪ ବେବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ କୁହାଯାଇଥିଲା। ୨୧୦୪ ସରକାରୀ ସ୍କୁଲ, କଲେଜ ଆଦିକୁ ନିଜସ୍ୱ ପଟ୍ଟା ପ୍ରଦାନ କରାଯିବ। ବିଓମାନେ ତହସିଲଦାର କାର୍ଯ୍ୟାଳୟରେ ପଟ୍ଟା ପାଇଁ ଆବେଦନ କରିବେ। ପାଲୁର କେନାଲ ନିକଟରେ ଚିଲିକାରେ କିଛି ଲୋକ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରୁଛନ୍ତି ତାହାକୁ ହଟାଇବା ପାଇଁ ଗଞ୍ଜାମ ଓ ଖଲ୍ଲିକୋଟ ତହସିଲଦାରଙ୍କୁ କୁହାଯାଇଛି।

ଜିଲାରେ ଯେଉଁ ସବୁ ପ୍ରକଳ୍ପ କାମ ଜମି ଅଧିଗ୍ରହଣ ପାଇଁ ଅଟକି ରହିଛି ତୁରନ୍ତ ଜମି ଅଧିଗ୍ରହଣ ସାରିବାକୁ କୁହାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ବେଳେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତାରାଶି ପ୍ରଦାନ କରିବାକୁ କୁହାଯାଇଛି । ସେହିପରି ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟକୁ ପୂରଣ କରିବା ପାଇଁ କୁହାଯାଇଥିବା ବେଳେ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବା, ବେଆଇନ ମଦ କାରବାର ରୋକିବାକୁ କୁହାଯାଇଛି। ଏଥିପାଇଁ ଏକ ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି । ମାପ ଓ ଓଜନ ବିଭାଗ ବିଶେଷ କରି ବ୍ରହ୍ମପୁର ସହର ଓ ସହରାଞ୍ଚଳରେ ବ୍ୟାପକ ଚଢାଉ କରିବାକୁ କୁହାଯାଇଛି । ସେହିପରି ସଡକ ଦୁର୍ଘଟଣା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ଅଧିକରୁ ଅଧିକ ଏନଫୋର୍ସମେଣ୍ଟ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ସୁଧାଂଶୁ କୁମାର ଭୋଇ, ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଅତିରିକ୍ତ ଉପଜିଲାପାଳ ପ୍ରାର୍ଥସାରଥୀ ହାଂସଦା, ବହୁ ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସୁରଭିରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଫୁଲବାଣୀ/ରାଇକିଆ,୮।୧୦(ରାକେଶ କୁମାର ରାଉତ/ପ୍ରଦୀପ ବେହେରା)

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଗୁଦାରୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଟିଗ୍ରାପଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଗୁଦାରୀ କଷ୍ଟରର ୧୦ଟି ବିଦ୍ୟାଳୟର ୧୨୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଟିଗ୍ରାପଙ୍ଗା ସରପଞ୍ଚ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ବିଶି, ପ୍ରଧାନ ଶିକ୍ଷୟିତ୍ରୀ ରିତାରାଣୀ ମହାନ୍ତି, ସୁଜାତା ପଟ୍ଟନାୟକ, ସୂର୍ଯ୍ୟକାନ୍ତ ବେହେରା ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ସହିତ ପୁରସ୍କାର ବଣ୍ଟନ କରିଥିଲେ। ଗୁଦାରୀ କ୍ଲଷ୍ଟର ର ସିଆରସିସି ସୁଜାତା କୁମାରୀ ପ୍ରଧାନ କାର୍ଯକ୍ରମ ପରିଚାଳନା କରିଥିଲେ।

ରାଇକିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଭିନ୍ନ କ୍ଲଷ୍ଟରରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଏବିଇଓ ସିମାଦ୍ରୀ କହଁର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ, ବାଳକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ । ଏବିଇଓ ସାରଥୀ କହଁର ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କାଳୁମାହାରେ ମାଳାଜପର ରାଣୀପର୍ବ

ରାଇକିଆ,୮।୧୦(ପ୍ରଦୀପ ବେହେରା)



ରାଇକିଆ ବ୍ଲକ କାଳୁମାହାଠାରେ ପବିତ୍ର ମାଳାଜପର ରାଣୀ ପର୍ବ ପାଳିତ ହୋଇଯାଇଛି। ରାଇକିଆ ପାରିସ ମୁଖ୍ୟ ଧର୍ମଯାଜକ ପ୍ରଦୋଷ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଦିବ୍ୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସହଯାଜକ ପୁରୁଷୋତ୍ତମ ନାୟକ, ଯାଜକ ଜେରମ ନାୟକ, କାଶିୟନ ପ୍ରଧାନ ,ଯାଜକ ମନୋଜ ନାୟକ, ଯାଜକ ଆନନ୍ଦ ପ୍ରଧାନ, ସୁଶାନ୍ତ ପ୍ରଧାନ ଯୋଗ ଦେଇ ପବିତ୍ର ବାଇବେଲ ପାଠ କରି ଅଞ୍ଚଳବାସୀ ଓ ବିଶ୍ୱବାସୀଙ୍କ ପାଇଁ ସାମୁହିକ ପ୍ରାର୍ଥନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କନଭେଣ୍ଟର ସମସ୍ତ ସେବା ଭଗ୍ନି ଯୋଗଦେଇ ଥିଲେ। ଶିକ୍ଷକ ବିନୟ କୁମାର ସଭାସୁନ୍ଦରଙ୍କ ନେତୃତ୍ୱରେ ଯୁବଗୋଷ୍ଠୀଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ଗାନ କରିଥିଲେ। ସନ୍ଧ୍ୟାରେ ରାଇକିଆ ପାରିସ ନିକଟସ୍ଥ ମଣ୍ଡଳୀ ଗୁଡ଼ିକର ଯୁବ ଗୋଷ୍ଠୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରିତମ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଧର୍ମ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ,ପୂଜା କମିଟି ସଭାପତି ସତ୍ୟବାନ ପାତ୍ର, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ସମିତି ସଭ୍ୟ ପ୍ରଦିପ ପ୍ରଧାନ, ମୁଖ୍ୟବକ୍ତା ଭାବେ ମାନେଶ୍ୱର ଦିଗାଲ ଯୋଗଦେଇ ଥିଲେ । ଜୟାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ଯୁବ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବହୁ ସଂଖ୍ୟକ ଖ୍ରୀଷ୍ଟ ବିଶ୍ୱାସୀ ଯୋଗ ଦେଇଥିଲେ।

## ସିଆର୍‌ସିସିଙ୍କ ଦାୟିତ୍ୱ ଗ୍ରହଣ

ଧରାକୋଟ,୮।୧୦
(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନରେ ନୂତନ ଭାବରେ ୫ ଜଣ ସିଆରସିସି ଦାୟିତ୍ୱ ଗ୍ରହଣ କରିଛନ୍ତି।। ଧରାକୋଟ କ୍ଲଷ୍ଟର ସିଆରସିସି ଭାବେ ଜଗନ୍ନାଥ ପଡ଼ିଆରୀ, ଡଉଗାଁ ପାଇଁ ଶର୍ମିଷ୍ଠା କୁମାରୀ ପାତ୍ର, ସରଧାପୁର କ୍ଲଷ୍ଟରରେ କିରଣବାଳା ନାୟକ, ଜାହାଡା କ୍ଲଷ୍ଟରରେ ବନ୍ଧୁ ବାହନ ନାୟକ, ମଛାକୋଟରେ ପ୍ରଭାତ କିରଣ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ କୁମାର ଶତପଥୀ, ସୀମାଞ୍ଚଳ ବେହେରା,ବିଭୂତି ଭୂଷଣ ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ସେମାନଙ୍କୁ ସ୍ୱାଗତ କରିଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଭତ୍ତା ବଣ୍ଟନ କରୁଛନ୍ତି ବିଧାୟକ।

ଚିକିଟି,୮।୧୦( ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୧୭ଟି ପଞ୍ଚାୟତର ମୋଟ ୪୧୮ ହିତାଧିକାରୀ ଭତ୍ତା ପାଇଛନ୍ତି। ୧୪୭ ଜଣ ବାର୍ଦ୍ଧକ୍ୟ ଭତ୍ତା, ୧୧୬ ଜଣ ବିଧବା ଭତ୍ତା, ୪୭ ଭିନ୍ନକ୍ଷମ, ୯ ଜଣ ଅବିବାହିତା ଭତ୍ତା ପାଇଛନ୍ତି। ସେହିପରି ଜାତୀୟ ସାମାଜିକ ସହାୟିତା ଯୋଜନାରେ ୮ ଜଣ ବାର୍ଦ୍ଧକ୍ୟ ଭତ୍ତା ଓ ୧୧ ଜଣ ବିଧବା ଭତ୍ତା ପାଇଛନ୍ତି। କାର୍ଯ୍ୟକ୍ରମରେ ଚିକିଟି ବିଡ଼ିଓ ଲୋକ୍ସମନ ସୋରେନ, ସହକାରୀ ଯନ୍ତ୍ରୀ ଉଦୟନାଥ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ସୁରେଶ କୁମାର ବେହେରା, ଜୟଦେବ ଚୌଧୁରୀ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଯାଇଥିବା ମହାପ୍ରୟାଣ (ଶବବୁହା ଗାଡି) ବିଧାୟକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା।

## ପାର୍ବଣକୁ ନେଇ ସଜାଗ ଗଞ୍ଜାମ ପୋଲିସ

ଛତ୍ରପୁର,୮।୧୦(ଦିଲୀପ ସାମଲ)

ପାର୍ବଣକୁ ନେଇ ଚଳଚଞ୍ଚଳ ଗଞ୍ଜାମ ଜିଲା। ଅପରାଧ ରୋକିବା ପାଇଁ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ସ୍ଥାନରେ କଡାକଡି ଯାଞ୍ଚ କରାଯାଉଛି।

ଗଞ୍ଜାମ ପୋଲିସ ଜିଲା ଅଧୀନରେ ୭୭ଟି ସ୍ଥାନରେ ମେଢ କରାଯାଇଥିବା ବେଳେ ଆସିକା, ହିଞ୍ଜିଳିକାଟୁ, ପାଟପୁର ଓ ଧରାକୋଟ ଭଳି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଏସପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଏହାସହ ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢାଉ କରାଯିବା ସହ ବେଆଇନ ମଦ କାରାବାର ଓ ବେଆଇନ ବାଣବିକ୍ରି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବା ଏସ୍‌ପି ପାତ୍ର ସୂଚନା ଦେଇଛନ୍ତି।

## ଇତିହାସ ବିଭାଗର ଆଲୋଚନାଚକ୍ର

**କଳିଙ୍ଗ ମହାବିଦ୍ୟାଳୟ**

ଜି.ଉଦୟଗିରି,୮।୧୦
(ଶିଶିର ପଟ୍ଟନାୟକ)

-ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ 'ଭାରତରେ ଜାତୀୟତାବାଦର ଉତ୍ଥାନ ଓ ସ୍ୱାଧୀନତାରେ ଭାରତୀୟ ଜାତୀୟ କଂଗ୍ରେସ ଓ ଗାନ୍ଧୀଙ୍କ ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଝୁନୁମା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ବିନାୟକ ବିଶ୍ୱାଳ ଜାତୀୟତାବାଦ ଓ ଗାନ୍ଧୀଙ୍କ ଭୂମିକା ଉପରେ ଅଭିଭାଷଣ ରଖିଥିଲେ। ଅଧ୍ୟାପକ ରୂପବନ୍ତ ଭୋଇ ଏବଂ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ ଜାତୀୟ କଂଗ୍ରେସର ଭୂମିକା ଓ ଗାନ୍ଧୀଙ୍କ ଦର୍ଶନ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ସଞ୍ଜନା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷ ବର୍ଷର ଛାତ୍ରୀ ସିଲ୍‌ଭି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଦାରିଙ୍ଗବାଡି,୮।୧୦ (ଅରୁଣ ସାହୁ )



ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଜଣେ କନ୍ୟା (ଝିଅ) ଭଲ ପାଠ ପଢ଼ିଲେ ନିଜର ଭଲ ଭବିଷ୍ୟତ ଗଢ଼ିପାରିବେ। ଝିଅମାନେ ସମାଜରେ କିଭଳି ସୁରକ୍ଷିତ ରହିବେ, ବାଲ୍ୟ ବିବାହ କରିବେନି, ଶିଶୁ ଶ୍ରମିକ ଭାବେ କେଉଁଠି କାର୍ଯ୍ୟ କରିବେନି ଓ ନିର୍ଯାତନା ପାଇବେନି ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ଅତିଥି। ଏବେ ସବୁ କ୍ଷେତ୍ରରେ ଝିଅମାନେ କାହାଠାରୁ କମ୍ ନୁହନ୍ତି। ସେମାନେ ଭଲ ପଢ଼ିବା ଓ ନିଜ ଭବିଷ୍ୟତ ଗଠନ କରିବାରେ ଆଗରେ ରହିଛନ୍ତି। ସେମାନଙ୍କ ନିକଟରେ ଥିବା ଲୁକ୍କାୟିତ ପ୍ରତିଭା ତାକୁ ଲୋକଲୋଚନକୁ ଆଣିବା ଜରୁରୀ ବୋଲି ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ ଅବସରରେ ଅତିଥିମାନେ ପ୍ରକାଶ କରିଥିଲେ। କନ୍ଧମାଳ ଜିଲା ଦାରିଙ୍ଗବାଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ବିଡିଓ ଗଦାଧର ପାତ୍ର, ଅନ୍ୟତମ ଅତିଥି ରୂପେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠ,ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ଏବିଇଓ ବନମାଳୀ ମାଝୀ, ପ୍ରଧାନ ଶିକ୍ଷକ ଅଜୟ ଜେନା, ରଶାନ୍ତ ପାଲଟାସିଂ, ସୁପରଭାଇଜର ଶକୁନ୍ତଳା ନାୟକ, ପ୍ରଭାତୀ ମଞ୍ଜରୀ ଦାସ ପ୍ରମୁଖ ଯୋଗଦେଇ ଉପରୋକ୍ତ ମତ ରଖିବା ସହ ଉପସ୍ଥିତ ଛାତ୍ରୀମାନଙ୍କୁ ସେମାନଙ୍କ ଉଚ୍ଚ ଭବିଷ୍ୟତ ଗଠନ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ



ଆର,ଉଦୟଗିରି,୮।୧୦
(ମନୋଜ କୁମାର ପାଢୀ)

ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେ. ଏମ. ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନରେ ଫ୍ରିଡମ ଏବଂ ଜୁନିଅର ରେଡକ୍ରସର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସିଏଫ ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଏଫଆରଓ ପୀୟୂଷ ପ୍ରତୀକ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଫ୍ରିଡମର ସଭାପତି ତ୍ରିନାଥ ବିଶୋୟୀ ରତ୍ନ ଯୋଗ ଦେଇଥିଲେ। ଯୁଧିଷ୍ଠିର ପାଇକ ସଭାପତିତ୍ୱ କରିଥିଲେ। ଅତିଥିମାନେ ଚାରାରୋପଣ, ଜଙ୍ଗଲ ସୁରକ୍ଷା, ପ୍ରାଣୀ ସୁରକ୍ଷା ଏବଂ ପ୍ଲାଷ୍ଟିକ ବ୍ୟବହାରର ନିଷେଧ ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ପରେ ପିଲାମାନଙ୍କ ମଧ୍ୟରେ ଚିତ୍ର ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ଧନୁର୍ଦ୍ଧର ରଇତ, ରାମଗିରି ବନପାଳ ସୁଧାକର କଣ୍ଡାଲୋ ଏବଂ ଶିକ୍ଷକ ବିରଞ୍ଚି ମଣ୍ଡଳ ସଭା କାର୍ଯ୍ୟରେ ସହଯୋଗ କରିଥିଲେ ।

## ଜରାଜୀର୍ଣ୍ଣ ଅବସ୍ଥାରେ ଖଜୁରୀପଦା ଡାକବଙ୍ଗଳା

ନୂଆଗଡ,୮।୧୦
(ଯୋଗ୍ୟବନ୍ତ ପରିଛା)

ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରୀପଦାଠାରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ଏହାକୁ ପୁନରୁଦ୍ଧାର ଲାଗି ସରକାର କିମ୍ବା ଜିଲା ପ୍ରଶାସନ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ଅଧିକାରୀମାନେ ଜିଲା ପରିଦର୍ଶନରେ ଆସିଲେ ଏଠାରେ ରହୁଥିଲେ। ଡାକ ବଙ୍ଗଳାରେ ଜଣେ କନିଷ୍ଠ ଯନ୍ତ୍ରୀ, ଦୁଇ ଜଣ ପିଅନ ଓ ଜଣେ ରାତି ଜଗୁଆଳି ରହୁଥିଲେ। ପରିବେଶ ସଫାସୁତୁରା ରହୁଥିଲା। ବର୍ତ୍ତମାନ ସେଠି କେହି କର୍ମଚାରୀ ନ ଥିବାରୁ ତାଲା ଝୁଲୁଛି। ଏହାର ଚାରିପାଖ ଲଟାବୁଦାରେ ପରିପୂର୍ଣ୍ଣ ହୋଇଗଲାଣି। ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଏଠାରେ ଜମୁଛି। ଡାକବଙ୍ଗଳା ଭିତରେ କର୍ମଚାରୀଙ୍କ ରହିବା ଲାଗି ତିଆରି ହୋଇଥିବା ଘରଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଗଲାଣି। କେଉଁଠି ଛପର ଟିଣ କଣା ହୋଇ ପାଣି ଗଳୁଛି ତ କେଉଁଠି କାନ୍ଥର କିଛି ଅଂଶ ଭୁଶୁଡ଼ିପଡିଛି। ଆଉ କେଉଁ ଘରର କାନ୍ଥ ଫାଟି ଆଁ କରିଛି। ଏସମ୍ପର୍କରେବାରମ୍ବାର ବିଭାଗୀୟ ଅଧିକାରୀ ଓ ଜିଲା ଅଧିକାରୀଙ୍କୁ ସ୍ଥାନୀୟ ଯୁବଗୋଷ୍ଠୀ ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଡାକବଙ୍ଗଳାର ପୁନରୁଦ୍ଧାର ଲାଗି ସାଧାରଣରେ ଦାବି ହେଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନି।



ଅବହେଳିତ ଅବସ୍ଥାରେ ରହିଥିବା ଡାକବଙ୍ଗଳା।

# ଶୋଭାଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କଲେ ଚାଷୀ

ପାରଳାଖେମୁଣ୍ଡି,
୮।୧୦(ଗିରିଧାରୀ ପରିଛା)




୮ଦଫା ଦାବି ନେଇ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**■ଅଖିଳ ଭାରତ କିଷାନ ମଜଦୁର ସଭା ନେଇଥିଲା ନେତୃତ୍ୱ**

**■୮ଦଫା ଦାବି ପୂରଣ ନେଇ ଜିଲା ପ୍ରଶାସନକୁ ଦେଲେ ଦାବିପତ୍ର**

**■ବଡ କମ୍ପାନୀ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି ସରକାର**

ଅଖିଳ ଭାରତ କିଶାନ ମଜଦୁର ସଭାର ଗଜପତି ଜିଲା ଶାଖା ପକ୍ଷରୁ ମଙ୍ଗଳବାର ୮ ଦଫା ଦାବି ନେଇ ପାରଳାଖେମୁଣ୍ଡିଠାରେ ଏକ ଶୋଭାଯାତ୍ରା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ନୂଆ ବସଷ୍ଟାଣ୍ଡଠାରୁ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଚାଷୀ ଓ ମୂଲିଆ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଆଇକେଏମ୍‌ଏସ୍ ଜିଲା ସମ୍ପାଦକ କେଦାର ଶବରଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ସଙ୍ଗଠନର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ରାଜ୍ୟର ଭାଜପା ସରକାର ଆଦିବାସୀ, ଦଳିତ ଓ କୃଷକଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବା ବଦଳରେ ବଡ ବଡ କମ୍ପାନୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା କହିଥିଲେ। ଭାଜପା ସରକାର କ୍ଷମତାକୁ ଆସିବାର ତିନି ମାସ ପରେ ମଧ୍ୟ ନିଜ ପ୍ରତିଶ୍ରୁତି ମୁତାବକ ରାଜ୍ୟର ସବୁ ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ତିନି ହଜାର ଟଙ୍କା ସାମାଜିକ ଭତ୍ତା ନ ଦେଇ ପ୍ରତାରଣା କରିଛି ବୋଲି ଅଭିଯୋଗ କରିଥିଲେ। ଗାଁରେ କମ୍ ମଜୁରି ଓ କାମର ଅଭାବ ଯୋଗୁ ରାଜ୍ୟର ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ କାମ ଆଶାରେ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏମ୍‌ଜିଏନଆରଇଜିଏସ୍‌ରେ ଲୋକଙ୍କୁ ଗାଁରେ କାମ ଯୋଗାଇ ଏହାର ମଜୁରି ବୃଦ୍ଧି କରିବାକୁ ସେ ଦାବି କରିଥିଲେ । ଜିଲା କମିଟି ସଭ୍ୟ କାରୁକା ଶବର ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଠିକ୍ ରୂପେ ଲାଗୁ କରି ଜଙ୍ଗଲ ଜମିରେ ବର୍ଷ ବର୍ଷ ଧରି ଚାଷ ବାସ କରି ରହୁଥିବା ଜିଲାର ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କୁ ତୁରନ୍ତ ଜଙ୍ଗଲ ଜମି ପଟ୍ଟା ଦେବାକୁ ଦାବି କରିଥିଲେ। ଭୂମିହୀନ ଓ ଗୃହହୀନ ଲୋକଙ୍କୁ ଜମି ଓ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତାକୁ ମାସିକ ୫ ହଜାର କରିବା, ରାଶନ କାର୍ଡରୁ ବଞ୍ଚିତ ସବୁ ଗରିବ ଲୋକଙ୍କୁ ରାଶନ କାର୍ଡ ଯୋଗାଇଦେବା ସହ ଅନ୍ୟାନ୍ୟ ଦରବି ସମ୍ବଳିତ ଏକ ଦାବିପତ୍ର ସହକାରୀ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କାଡୁକା ଶବର, ସୁମରା ଶବର, ଘନାତ୍ରି ଶବର ନେତୃତ୍ୱ ନେଇଥିଲେ।

**ମହିଳା ଓକିଲଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର**

ବୁଗୁଡା, (କାଳିଚରଣ ଦାଶ) ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ବୁଗୁଡାର ଜନୈକ ମହିଳା ଓକିଲ ସାଇ ସନ୍ତୋଷିନୀ ପ୍ରଧାନଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବ୍ରହ୍ମପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରସିସିଏଫ ସଞ୍ଜୟ ସ୍ୱାଇଁ, ଭଞ୍ଜନଗର ଡିଏଫଓ ବିନୋଦ ଆଚାର୍ଯ୍ୟ, ଏସିଏଫ ରଜତ ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ସାଇ ସନ୍ତୋଷିନୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।



## ସଂକ୍ଷେପରେ

### ଚିନିଶିଳ୍ପରେ ନୂତନ ଏମ୍‌ଡିଙ୍କ ଯୋଗଦାନ



ଏମଡିଙ୍କୁ ସ୍ୱାଗତ କରୁଛନ୍ତି ଆସିକା ବିଧାୟକ ସରୋଜ ପାଢୀ।

ଆସିକା,୮।୧୦(ସୁରେନ୍ଦ୍ର ନାଥ ସାହୁ): ସମବାୟ ବିଭାଗର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ ଏହି ଚିନିଶିଳ୍ପର ସମ୍ପାଦକ ରହିଥିଲେ । ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ ପରେ ସେ ନୂଆ ପଦବୀରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆସିକା ବିଧାୟକ ସରୋଜ କୁମାର ପାଢୀ, ଚିନିଶିଳ୍ପ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପଣ୍ଡା, ପରିଚାଳନା ପରିଷଦର ବହୁ ସଦସ୍ୟ, ଆଖୁଚାଷୀ ସଂଘ ସଭାପତି ସମୀର ପ୍ରଧାନ ଏବଂ ଚିନିଶିଳ୍ପ କର୍ମଚାରୀ ସଂଘ ପକ୍ଷରୁ ଏମଡି ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଛି। ଆଖୁଚାଷ ଓ ଚାଷୀଙ୍କ ଉନ୍ନତୀ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ସହ ଜାନୁଆରୀ ପ୍ରଥମ ସପ୍ତାହରୁ ଆଖୁପେଡ଼ା କାର୍ଯ୍ୟ ଆରମ୍ଭ କରିବା, ବନ୍ଦ ହୋଇ ରହିଥିବା ଚିନିଶିଳ୍ପର ଡିଷ୍ଟିଲାରି ୟୁନିଟ୍‌କୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା, ଚିନିଶିଳ୍ପର ଆଧୁନିକ କରଣ ଏବଂ କାରଖାନାରେ ଶ୍ରମିକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ ନେବେ ବୋଲି ନୂତନ ଏମ୍‌ଡି କହିଛନ୍ତି ।

# କାମରେ ଆସୁନି ପୋଖରୀ, ଲୋକେ ହନ୍ତସନ୍ତ

**ପଟ୍ଟନାୟକ ପୋଖରୀରେ ଖର୍ଚ୍ଚ ହୋଇଛି ୧ କୋଟି ୨୫ ଲକ୍ଷ**

ପାରଳାଖେମୁଣ୍ଡି, ୮।୧୦(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ୱାର୍ଡ ନମ୍ବର ୧୧ରେ ଥିବା ପଟ୍ଟନାୟକ ପୋଖରୀକୁ ଉନ୍ନୟନ ନାମରେ ଅପନ୍ତରିଆ କରି ଛାଡ଼ିଦିଆଯାଇଛି। ବର୍ଷେ କି ୨ ବର୍ଷ ନୁହେଁ ଏପରି ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଏହି ପୋଖରୀ ଲୋକଙ୍କ କୌଣସି କାମରେ ଆସୁନାହିଁ। ଏନେଇ ଟଙ୍କା ପରେ ଟଙ୍କା ଆସିଛି, ବ୍ୟୟବରାଦ ବି ହୋଇଛି। ମାତ୍ର ଏହା ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇପାରିନି। ପୋଖରୀ ଉପରେ ସହରର ୧, ୨, ୩ ଓ ୧୧ ନମ୍ବର ୱାର୍ଡ ବାସିନ୍ଦା ନିର୍ଭର କରିଥାନ୍ତି। ପୋଖରୀ ଅପନ୍ତରିଆ ଭାବେ ପଡି ରହିଥିବାରୁ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ପୋଖରୀ ପାର୍ଶ୍ୱରେ ଶିବମନ୍ଦିର, ସନ୍ତୋଷୀମାତା ମନ୍ଦିର, କାଳୀମନ୍ଦିର ଓ ହନୁମାନଙ୍କ ମନ୍ଦିର ରହିଛି। ପ୍ରତ୍ୟହ ଏଠାକୁ ଆସୁଥିବା ଶତାଧିକ ଶ୍ରଦ୍ଧାଳୁ ଏଠାରେ ଜଳ ସଂଗ୍ରହ କରି ପୂଜାର୍ଚ୍ଚନା ମଧ୍ୟ କରିଥାନ୍ତି। ପୋଖରୀର ଉପଯୋଗକୁ ଦେଖି ଏହାର ଉନ୍ନତୀକରଣ ପାଇଁ



ଅବ୍ୟବହୃତ ହୋଇ ପଡିଥିବା ପଟ୍ଟନାୟକ ପୋଖରୀ।

ଗତ ୨୦୦୯-୧୦ ଆର୍ଥିକ ବର୍ଷରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ବି.ଆର.ଜି.ଏଫ. ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୧୫ଲକ୍ଷ ଟଙ୍କା, ୨୦୧୨-୧୩ ଆର୍ଥିକ ବର୍ଷରେ ଟିଏଫ୍‌ସି ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। ୨୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ୨୮।୨।୨୦୧୩ରେ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହୋଇଥିଲା। ଏହି କାମ ୭।୬।୨୦୧୬ରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁଣି ୧କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ମଞ୍ଜୁର ହୋଇଥିଲା। ଏଥିପାଇଁ ମୋଟ ୧କୋଟି ୭୫ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ମାତ୍ର ଏଯାଏ କାମ ସରିନାହିଁ। ପୋଖରୀର ଚାରିପଟେ ପଥରବନ୍ଧେଇ ଓ ଅନ୍ୟାନ୍ୟ କାମ ସରିଯାଇଥିଲେ ମଧ୍ୟ ଆଉ କେତେକ କାମକୁ ଅଧାପନ୍ତରିଆ ଭାବେ ଛାଡି ଦିଆଯାଇ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଯେଉଁ କାମ ହୋଇଛି ତାହା ଅତି ନିମ୍ନମାନର ବୋଲି ଜଣାପଡିଛି। କାମ କରିଥିବା ଠିକାଦାର ଓ ପୌର କର୍ତ୍ତୃପକ୍ଷଙ୍କ ମଧ୍ୟରେ ସଲାସୁତରା ଯୋଗୁ ଏପରି କାର୍ଯ୍ୟ ହୋଇ ଅଧାପନ୍ତରିଆରେ ଛାଡିଦିଆଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏବେ ଉକ୍ତ ପୋଖରୀ ଘାସ, ଲଟାବୁଦା ଓ ଅନାବନା ଗଛରେ ଭର୍ତ୍ତି ହୋଇ ରହିଛି। ଉକ୍ତ ଅଞ୍ଚଳ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଉକ୍ତ ପୋଖରୀକୁ ଆସୁଥିବା ଏକ ପାଣିନାଳକୁ ବନ୍ଦ କରି ଦିଆଯାଇଛି। ଫଳରେ ବର୍ଷାଦିନେ ଏହି ନାଳ ଦେଇ ବର୍ଷା ପାଣି ପୋଖରୀକୁ ନ ଯାଇ ଅଟଳପାର୍କ ମଧ୍ୟ ଦେଇ ୨ନମ୍ବର ୱାର୍ଡ ବିଭିନ୍ନ ଡରି ଅଞ୍ଚଳ ଓଡ଼ିଆ ଶୁଣ୍ଡିସାହି, ତେଲିମେଲା ସାହିରେ ଲୋକଙ୍କ ଘରେ ପଶୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସମସ୍ୟାର ତୁରନ୍ତ ସମାଧାନ କରି ପୌର ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏପର୍ଯ୍ୟନ୍ତ ସମ୍ପୃକ୍ତ ପୋଖରୀର ପୁନରୁଦ୍ଧାର ଲାଗି କୌଣସି ପଦକ୍ଷେପ ନିଆଯାଇନାହିଁ। କାଉନସିଲ ବୈଠକ ବସିଲେ ଯଦି ବୈଠକରେ କିଛି ନିଷ୍ପତ୍ତି ନିଆଯାଏ ତା' ହେଲେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ଦଶହରା ବଜାରରେ ନକଲି ନୋଟ୍ କାରବାର

ବାଲିଗୁଡା,୮।୧୦
(ସଞ୍ଜୟ କୁମାର ପାଣିଗ୍ରାହୀ)



ସମଗ୍ର କନ୍ଧମାଳ ଜିଲାରେ ଦଶହରା ଅବସରରେ ବାରରେ କାରବାର ହେଉଛି ନକଲି ନୋଟ। ସମଗ୍ର କନ୍ଧମାଳ ଜିଲାରେ ଦଶହରା ବଜାରରେ ନକଲି ନୋଟ ଛାଡିବାକୁ କଟକ ଜଗତପୁର ଅଞ୍ଚଳର କେତେ ଜଣ ଯୁବକ ଆସି କନ୍ଧମାଳ ଜିଲାର ପ୍ରତ୍ୟେକ ଅଞ୍ଚଳରେ ଡେରା ପକାଇଛନ୍ତି। ସେମାନେ ଦଶହରାକୁ ଆସିଥିବା ଛୋଟ ଛୋଟ ଉଠା ଦୋକାନୀଙ୍କୁ ଟାର୍ଗେଟରେ ରଖିଥିବା ଜଣାପଡିଛି। ସେମାନେ କନ୍ଧମାଳ ଜିଲାର କିଛି ବେକାର ଯୁବକ ମାନଙ୍କୁ ଧରି ଟଙ୍କା ପ୍ରଲୋଭାନ ଦେଖାଇ ଜଙ୍ଗଲ ମଧ୍ୟରେ ନକଲି ନୋଟ୍ ବଜାରରେ ଛାଡିବାକୁ ଯୋଜନା କରି ପ୍ରଥମେ ୧୦୦, ୨୦୦, ୫୦୦ ଟଙ୍କିଆ ନକଲି ନୋଟ୍ କିଛି ପରିମାଣରେ ବଜାରକୁ ଛାଡିଥିବା ଖବର ମିଳିଛି। ଏଥିପ୍ରତି ଅଞ୍ଚଳର ବ୍ୟବସାୟୀ ମାନେ ନଜର ରଖିବା ଓ ଏ ସମ୍ପର୍କରେ ଖବର ପାଇଲେ ସଙ୍ଗେ ସଙ୍ଗେ ପୋଲିସକୁ ଜଣାଇବାକୁ ସଚେତନ କରାଯାଇଛି।

## ସାନଖେମୁଣ୍ଡି ପଞ୍ଚାୟତ ସମିତି ବୈଠକ




ପାଟପୁର,୮।୧୦(ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର ଅଧକ୍ଷତା କରିଥିଲେ। ବିଡିଓ ଜିତେନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ଆସିକା ଏମ୍‌ପି ଅନିତା ଶୁଭଦର୍ଶନୀ ମୁଖ୍ୟଅତିଥି, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସ୍ୱତନ୍ତ୍ର ଅତିଥି, ଅତିରିକ୍ତ ତହସିଲଦାର ଦିଲୀପ ଜେନା, ବ୍ଲକ ଉପାଧକ୍ଷା ରିଙ୍କି ନାହକ, ଜିପିଓ ମୋନାଲିସା କିସ୍କୁ ପ୍ରମୁଖ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ପ୍ରଥମେ ଜିପିଓ ମୋନାଲିସା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ପାଠ କରିଥିଲେ। ବ୍ଲକ ଅଧୀନସ୍ଥ ୨୬ଟି ପଞ୍ଚାୟତରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ନିର୍ବାଚିତ ପ୍ରତିନିଧିମାନେ ମଞ୍ଚାସୀନ ଅତିଥିଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ପ୍ରଶସ୍ତିକରଣ, ଅଙ୍ଗନୱାଡ଼ି ଗୃହ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ପଞ୍ଚାୟତକୁ ଆସୁଥିବା ଯୋଜନାର ଉପସ୍ଥାପନା କରିଥିଲେ। ବୈଠକରେ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ।

# ରାତିସାରା ମୃତଦେହ ରଖି ରାସ୍ତା ଅବରୋଧ

## ଯୁବକଙ୍କୁ ହତ୍ୟା ଘଟଣାରେ ୭ ଅଟକ

ଫୁଲବାଣୀ,୮।୧୦
(ରାକେଶ କୁମାର ରାଉତ)

ଫୁଲବାଣୀ ସହର ପେଞ୍ଜିସାହିର ଜନ୍ ମୁଖି ହତ୍ୟା ଘଟଣାରେ ପୋଲିସ ମଙ୍ଗଳବାର ରାତି ସୁଦ୍ଧା ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଘଟଣା ପଛରେ ଗଞ୍ଜେଇ କାରବାର କିମ୍ବା ପ୍ରେମ ସମ୍ପର୍କ ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି । ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସତ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ କନକ କୁମାର ମାଝି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ରାତି ୧୧ଟାରୁ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୮ଟା ପର୍ଯ୍ୟନ୍ତ ସାହିର ଲୋକେ ଏବଂ ସମ୍ପର୍କୀୟମାନେ ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିଲେ । ପୋଲିସ ସେମାନଙ୍କୁ ବହୁତ ବୁଝାଶୁଝା କରିବା ସହ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ପେଞ୍ଜିସାହିର ଜିତୁଙ୍କ ପୁଅ ଜନ ଓରଫ ଜଗାଙ୍କୁ ଗତ ରବିବାର ସଦର ଥାନା ଦାତପାଜୁ ଅଞ୍ଚଳର କେତେଜଣ ଯୁବକ ସ୍ଥାନୀୟ ମାଷ୍ଟରପଡାରେ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ। ଏହାପରେ ତାଙ୍କୁ ଏକ ଗାଡିରେ ଉଠାଇ ନେଇଥିଲେ । ସେହିଦିନ ସନ୍ଧ୍ୟା ପ୍ରାୟ ୭ଟାରେ ଶଗଡିଆସାହିର ଜଣେ ଯୁବକ ଜନ୍‌ଙ୍କୁ ରାସ୍ତା ପାର୍ଶ୍ୱରେ ଗୁରୁତର ଅବସ୍ଥାରେ ପଡିଥିବା ଦେଖିଥିଲେ । ଯୁବକ ଜଣକ ତାଙ୍କୁ ତୁରନ୍ତ ମେଡିକାଲ ନେଇ ଘରକୁ ଖବର ଦେଇଥିଲେ। ଜନ୍‌ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହାକୁ ନେଇ ସାହି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା । ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିବାରୁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।



ମୃତଦେହ ରଖି ଲୋକେ ରାସ୍ତା ଉପରେ ବସିଛନ୍ତି।

## ବାଳିକା ଦିବସ ପାଳିତ

ଆସିକା,୮।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ଗୁଣ୍ଡପଡାସ୍ଥିତ ଜଗଦଳପୁର ହାଇସ୍କୁଲ ଠାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଆନ୍ତର୍ଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ସିଡିପିଓ ଇନ୍ଦିରା ମହାପାତ୍ର, ଅଞ୍ଚଳ ପରିଦର୍ଶିକା ଦିପ୍ତୀ ଧୋବା, ରଞ୍ଜୁକ୍ତା ସ୍ୱାଇଁ, ସଂଯୁକ୍ତା ବେହେରା, ପ୍ରମିଳା ସାହୁ, ସରସ୍ୱତୀ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ସୁନିତା ପରିଚ୍ଛା, ଈଶ୍ୱରୀ ମାହାପାତ୍ର, ସନ୍ଧ୍ୟାରାଣୀ ବେହେରା, ମନ୍ଦାକିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏବେ ବି ସମାଜରେ କନ୍ୟାସନ୍ତାନଙ୍କ ପ୍ରତି ବିମୁଖତା ଭାବ ଦୂର ହୋଇନାହିଁ । ଏଥିପ୍ରତି ଯତ୍ନବାନ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା । ଏହି ଅବସରରେ ୨ ଜଣଙ୍କୁ ମୋ ଗେହ୍ଲା ଝିଅ ରୂପେ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା ।

## ଅଖିଳ ଭାରତ ଯୁବସଂଘର ନୂତନ କର୍ମକର୍ତ୍ତା ଚୟନ

ରମ୍ଭା,୮।୧୦(ବନବାସୀ ସେଠୀ)

ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ଅଖିଳ ଭାରତ ଯୁବ ସଂଘ, ଗଞ୍ଜାମ ଆଞ୍ଚଳିକ ସମ୍ମିଳନୀର ନୂତନ କର୍ମକର୍ତ୍ତା ଚୟନ ପୂର୍ବତନ ସଭାପତି ବି.ଦଣ୍ଡପାଣି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ କାମଦେବ ନାହାକ, ଜିଲା କାର୍ଯ୍ୟକାରୀ ସଭାପତି ମନୋଜ ଗୌଡ଼, ଗ୍ରାମ୍ୟ କମିଟି ସଭାପତି ଆର.ସୋମନାଥ ରେଡ୍ଡି, ଖଲ୍ଲିକୋଟ ବ୍ଲକ ଡ଼ିମିରିଆ ପଞ୍ଚାୟତ ସରପଞ୍ଚ ସବିତା ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଦିନକୁ ଦିନ ସଂଘର ସଭ୍ୟ କମିବାରେ ଲାଗିଛି। ସଂଘ କିପରି ସୁଦୃଢ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ପରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନୂତନ ସଭାପତି ଭାବେ ଏ. ରଘୁନାଥ ପାତ୍ର, ଉପସଭାପତି କ୍ଷେତ୍ର ମୋହନ ବେହେରା, ସମ୍ପାଦକ କୈଳାସ ଦାସ, ଉପସମ୍ପାଦକ ଏମ. କାଳିଆ ପାତ୍ରଙ୍କୁ ବଛାଯାଇଥିଲା। ସାନ ରାମଚନ୍ଦ୍ରପୁର ପଞ୍ଚାୟତର ଜଗଦିଶ ପାତ୍ର, ନନ୍ଦ ବେହେରା, ଝାରେଡି ପଞ୍ଚାୟତର ଦେବସ ନାହାକ, କରପଡା ପଞ୍ଚାୟତର କାଳୁ ଦାସ, ରାମଗଡ଼ ପଞ୍ଚାୟତର ସଦାନନ୍ଦ ଗୌଡ଼, ରମ୍ଭାର ନିରାକାର ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଜେଲ୍ ଗଲେ

ଦିଗପହଣ୍ଡି,୮।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ମଙ୍ଗଳବାର ଅଭିଯୁକ୍ତ ବୁଢୁ ସାହୁଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛି। ମାମଲା(ନଂ.୩୭୮/୨୪) ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍ ହାଜତକୁ ପଠାଯାଇଛି। ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ନାବାଳିକା ଜଣକ ଗ୍ରାମର ଦେଉଳ ପୋଖରୀ ନିକଟରେ ଥିବା ନଳକୂପରୁ ପାଣିଭର୍ତ୍ତି କରୁଥିବା ବେଳେ ସେ ଏକୁଟିଆ ଥିବା ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର ଉଦ୍ଦେଶ୍ୟରେ ଏକ ବୁଦା ମୂଳକୁ ଟାଣି ନେଇଯାଇଥିଲେ। ସେ ପାଟି କରିବାରୁ ତାକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ନାବାଳିକାଙ୍କ ଭାଇ ଥାନାରେ ଏତଲା ଦେବାପରେ ପୋଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରା ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ତାଙ୍କର ଡାକ୍ତରୀ ମାଇନା କରିବା ପରେ କୋର୍ଟଚାଲାଣ କରିଥିବା ଜଣାପଡିଛି।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଭଞ୍ଜନଗର/ପାଟପୁର/ପାତ୍ରପୁର, ୮।୧୦ (ବାବୁଲା ପ୍ରଧାନ/ସୀମାଞ୍ଚଳ ସାହୁ/ ଉମାଚରଣ ନେପାକ)

ଭଞ୍ଜନଗର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମଙ୍ଗଳବାର ସ୍ଥାନୀୟ ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ବାହାର କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ କେତେଜଣ ଶିଶୁ ପ୍ରତିଭାଙ୍କୁ ବିଧାୟକ ନିଜେ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ନୀଳମାଧବ ପାତ୍ର, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ରବୀନ୍ଦ୍ର ଗୌଡ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ୍ୟ କହଁର, ବିଇଓ ଏସ.ଧନଞ୍ଜୟ, ଏବିଇଓ ସୂର୍ଯ୍ୟ ନାୟକ, ଗଜେନ୍ଦ୍ର ସେଠୀ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ନେତା ସରୋଜ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରାସ୍ଥିତ ଶ୍ରୀରାଧାକୃଷ୍ଣ ବିଦ୍ୟାପୀଠରେ ବ୍ଲକସ୍ତରୀୟ ସୁରଭି ପ୍ରଧାନ ଶିକ୍ଷକ ପ୍ରସନ୍ନ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ବ୍ଲକ ଶିକ୍ଷାଧିକାରୀ ଲିଙ୍ଗରାଜ ସ୍ୱାଇଁ, ଅଧାପକ ଡ. କୈଳାସ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଏରେଣ୍ଡ୍ରା ସରପଞ୍ଚ ଧୋବା ସ୍ୱାଇଁ, ସମିତିସଭ୍ୟ ସଂଗ୍ରାମ ବିଷୋୟୀ, ମେଡିକାଲ ଅଫିସର ଅମୂଲ୍ୟ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ଏ. ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମା ସରସ୍ୱତୀ ସଂଗ୍ରହାଳୟର ପ୍ରତିଷ୍ଠାତା ଉଦୟନାଥ ହୋତା, ପ୍ରଧାନଶିକ୍ଷକ ପ୍ରସନ୍ନ ତ୍ରିପାଠୀ, ସାନଖେମୁଣ୍ଡି କ୍ରୀଡା ଶିକ୍ଷକ ସମ୍ପାଦକ ଅରୁଣ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବାଡି, ଖୋ ଖୋ ଦୌଡ଼ରେ ରାଜ୍ୟସ୍ତରରେ ସଫଳ ୪ ଜଣଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପାତ୍ରପୁରସ୍ଥିତ କରୁଣାକର ବିଦ୍ୟାପୀଠରେ ବ୍ଲକସ୍ତରୀୟ ସୁରଭିରେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ବିଇଓ ସ୍ୱରୂପ ରଞ୍ଜନ ମହାନ୍ତି ଓ ସମସ୍ତ ସିଆରସିସି ଯୋଗ ଦେଇଥିଲେ । ସିଆରସିସି ଟୁଟୁ ପ୍ରଧାନଙ୍କ ସହ ବେଣୁ ଗୋପାଳ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଭଞ୍ଜନଗରରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ବନ୍ୟପ୍ରାଣୀ, ପରିବେଶ ସୁରକ୍ଷା ଆମ ଦାୟିତ୍ୱ

ଶେରଗଡ, ୮।୧୦
(ସୂର୍ଯ୍ୟ ନାରାୟଣ ଦାଶ)

ଟ୍ରି ଫାଉଣ୍ଡେସନ ପକ୍ଷରୁ ହାଡ଼ିଚିରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଡ଼ିଚିରା ଓ ଖିରିଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲକିରାଣୀ ବିଷୋୟୀ, ଶୁଭଲକ୍ଷ୍ମୀ ନାୟକ, ବିବେକ ବିଷୋୟୀ ଏବଂ ଉଚ୍ଚ ବିଦ୍ୟାଳୟର ତୁଳସୀ ବିଷୋୟୀ , ତୁଳସୀ ଜେନା, ପ୍ରାଚୀ ସେଠୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବନ୍ୟପ୍ରାଣୀଙ୍କ ସୁରକ୍ଷା, ଆମରି ସୁରକ୍ଷା ଓ ଆମ ପରିବେଶ, ଆମ ଦାୟିତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋକନାଥ ବେହେରା, ଶିକ୍ଷକ ବନବାସ ସେଠୀ, ବିଚିତ୍ର ମଲ୍ଲିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, ଶିକ୍ଷକ ନାରାୟଣ ସେଠୀ, ପବିତ୍ର ମଲ୍ଲିକ ଓ ସୁବାସ ପାଇକ କାର୍ଯ୍ୟକ୍ରମ ପରିଚାଳନା କରି ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଟ୍ରି ଫାଉଣ୍ଡେସନର ସମ୍ପାଦକ ନିରାକାର ବିଷୋୟୀ ଓ ସ୍ୱେଚ୍ଛାସେବୀ ବାଦଲ ଗୌଡ ସଂଯୋଜନା କରିଥିଲେ।

## କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ଶେରଗଡ,୮।୧୦(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ ବ୍ଲକ କୃଷ୍ଣଛାଇଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ବ୍ରହ୍ମପୁରସ୍ଥିତ ବନାଞ୍ଚଳ ଡିଭିଜନ ପକ୍ଷରୁ ଅନୁଷ୍ଠିତ ସଭାରେ ବିଦ୍ୟାଳୟ କର୍ତ୍ତପକ୍ଷ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବନଖଣ୍ଡ ଅଧିକାରୀ ଶନି ଶେଖରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଆଞ୍ଚଳିକ ବନ ସଂରକ୍ଷକ ସଞ୍ଜୟ ସ୍ୱାଇଁ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ, ହିମାଂଶୁ ଶେଖର ମହାନ୍ତି , ଡିସିଏଫ୍ ଦିଲ୍ଲିପ ବାରିକ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଦିବାକର ସାହୁ ଉଚ୍ଚ ବିଦ୍ୟାଳୟ ପାଇଁ ପୁରସ୍କାର ସହ ୨୦ ହଜାର ଟଙ୍କା ଗ୍ରହଣ କରିଥିଲେ।

# ଖେଳାଳି କେବେ ହାରେନାହିଁ: ମନ୍ତ୍ରୀ ଗୋକୁଳାନନ୍ଦ

## ଗଞ୍ଜାମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା

ବେଲଗୁଣ୍ଠା,୮।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଖେଳାଳି କେବେ ହାରେ ନାହିଁ, ଜିତେ କିମ୍ବା କିଛି ଶିଖେ। ଏହିଭଳି ବକ୍ତବ୍ୟରଖି ଗଞ୍ଜାମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି ରାଜ୍ୟ ମତ୍ସ୍ୟ, ପ୍ରାଣୀସମ୍ପଦ, ସୂକ୍ଷ୍ମ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ସୋମବାର ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ୬୮ତମ ଗଞ୍ଜାମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଗଞ୍ଜାମ ଜିଲା ଶିକ୍ଷାଧିକାରିଣୀ ଅମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମକୁ ଉଦଘାଟକ ରୂପେ ମନ୍ତ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ସମ୍ମାନିତ ଅତିଥି ରୂପେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସୋରଡା ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ, ବେଲଗୁଣ୍ଠା ବିଇଓ ପ୍ରସନ୍ନ ବେହେରା, ନୋଡ଼ାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ, ଯଜ୍ଞ ନାରାୟଣ ଦାସ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବ୍ଲକ୍‌ରୁ ଆସିଥିବା କନିଷ୍ଠ ଏବଂ ବରିଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ଫଡ଼ିଆଁ, ଉଚ୍ଚଡ଼ିଆଁ, ଡିସ୍କସ୍ ଥ୍ରୋ, ଜାଭଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ଗଞ୍ଜାମ ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗୀରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା କ୍ରୀଡ଼ା ଶିକ୍ଷକମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ସଭ୍ୟ ସୁଧୀର ଜେନା, ସମ୍ମାନିତ ଅତିଥି ଭଞ୍ଜନଗର ବିଇଓ ଏସ୍. ଧନଞ୍ଜୟ, ସରପଞ୍ଚ କମଳ କୁମାରୀ ପ୍ରଧାନ, ବଙ୍କା ସମିତିସଭ୍ୟ ପ୍ରଫୁଲ୍ଲ ଗୌଡ଼, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଡାକୁଆ, ଖଇରପୁଟି ସମିତିସଭ୍ୟା ପ୍ରତିନିଧି ବିନୋଦ ବେହେରା ଉପସ୍ଥିତ ଥିଲେ। ମଙ୍ଗଳବାର ଉଦ୍‌ଯାପନୀରେ ମୁଖ୍ୟଅତିଥି ରୂପେ ଗଞ୍ଜାମ ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ ସାହୁ, ମୁଖ୍ୟବକ୍ତା ଜଗନ୍ନାଥପ୍ରସାଦ ବିଇଓ କଲ୍ୟାଣୀ ପାଢୀ, ସମ୍ମାନିତ ଅତିଥି ରୂପେ ଆସିକା ଷ୍ଟେଟ୍ ବ୍ୟାଙ୍କର ଭାରପ୍ରାପ୍ତ ଆଞ୍ଚଳିକ ପ୍ରବନ୍ଧକ ଆଶିଷ ମିଶ୍ର, ଆସିକା ଆର.ବି.ଆଇ. ଡେପୁଟି ମ୍ୟାନେଜର୍ ଦେବାଶିଷ ପାଣିଗ୍ରାହୀ, ଗାଙ୍ଗପୁର ଷ୍ଟେଟ୍ ବ୍ୟାଙ୍କ ଶାଖା ପ୍ରବନ୍ଧକ ଅଭିଷେକ ରାୟ, କ୍ଷତ୍ରିୟବରପୁର ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ପରିଚାଳକ ପବିତ୍ର ସାହୁ, ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ, ବେଲଗୁଣ୍ଠା ଓଏଭି ଅଧ୍ୟକ୍ଷ ମାନସରଞ୍ଜନ ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାହୁ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ସେଠୀ, ଗାୟତ୍ରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଶିଶିର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



